## ଭାତ ଗାଳୁଥିବାବେଳେ ଶାଢ଼ିରେ ଲାଗିଲା ନିଆଁ, ମହିଳା ମୃତ

ଦେବଗଡ,(ଡି.ଏନ.ଏ.)- ଦେବଗଡ ଥାନା ଅନ୍ତର୍ଗତ ସାମନ୍ତାପାଲି ଗ୍ରାମରେ ଭାତ ଗାଳୁଥିବା ସମୟରେ ଅସାବଧାନତାବଶତଃ ଶାଢ଼ୀରେ ନିଆଁ ଲାଗି ଯିବାରେ ଯାଇଛି ଜଣେ ମହିଳାଙ୍କ ଜୀବନ। ମୃତା ମହିଳା ହେଲେ ଗ୍ରାମର ସୁକାନ୍ତି କିସାନ(୪୦)। ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଚୂଲି ଉପରେ ହାଣ୍ଡି ରଖି ସେ ଭାତ ଗାଳୁଥିବା ସମୟରେ ନିଆଁ ତାଙ୍କ ଶାଢ଼ୀରେ ଲାଗିଯାଇଥିଲା । ଘର ଲୋକେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଥିଲେ। ସେଠାରୁ ବୁର୍ଲା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବସ୍ ମାଲିକଙ୍କୁ ପିଟିଲା ପୋଲିସ

ଝାରସୁଗୁଡ଼ା ଅଫିସ,୨୧।୭

- ଘଟଣାର ୧୦ ଦିନ ପରେ ଭିଡିଓ ଭାଇରାଲ୍
- ଏସ୍‌ପିଙ୍କ ତଦନ୍ତ ନିର୍ଦ୍ଦେଶ

କରୋନା ମୁକାବିଲା ପାଇଁ ଚଳିତମାସର ପ୍ରତି ଶନିବାର ଓ ରବିବାର ଝାରସୁଗୁଡ଼ା ଶଟ୍‌ଡାଉନ ଘୋଷଣା କରାଯାଇଛି । ଏହି ୨ ଦିନ କେହି ଜରୁରୀ ଆବଶ୍ୟକତା ନ ଥିଲେ ପଦାକୁ ନ ବାହାରିବାକୁ କଡ଼ା ନିର୍ଦ୍ଦେଶ ରହିଛି । ହେଲେ ଗତ ୧୧ ତାରିଖ ଶନିବାର ସହରର ଜଣେ ବସ୍ ମାଲିକ କୌଣସି କାମରେ ବାହାରକୁ ଆସିଥିଲେ । ସେ ମାସ୍କ ରଖିଥିଲେ ମଧ୍ୟ ପିନ୍ଧି ନ ଥିଲେ। ଗାଡ଼ିରେ ତାଙ୍କର ହେଲମେଟ୍ ଝୁଲୁଥିଲେ ମଧ୍ୟ ସେ ପିନ୍ଧି ନ ଥିଲେ । ଅନ୍ୟପକ୍ଷେ ସେ କେଉଁ କାରଣରୁ ପଦାକୁ ଆସିଥିଲେ ବୋଲି ପୋଲିସକୁ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ଏହାକୁ ନେଇ ଝାରସୁଗୁଡ଼ା ଥାନାର ଜଣେ ସବ୍‌ଇନ୍ସପେକ୍ଟରଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ପରେ ସମ୍ପୃକ୍ତ ପୋଲିସ କର୍ମଚାରୀ ଓ ଜଣେ ହାବିଲଦାର ତାଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓକୁ ଖୋଦ୍ ପୋଲିସ ବିଭାଗର ଜଣେ କର୍ମଚାରୀ ଭାଇରାଲ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି ଏସ୍‌ପି ରାହୁଲ ପିଆର । ସେ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ହସ୍ତଗତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି ।

ଘଟଣା ଦିନ ବସ୍ ମାଲିକଙ୍କୁ ଅଟକାଇଥିବା ସବ୍‌ଇନ୍ସପେକ୍ଟର ସେଠାରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟଙ୍କ ସହିତ ଆଲୋଚନା କରିବାକୁ ତାଙ୍କୁ ପରାମର୍ଶ ଦେଇଥିଲେ। ହେଲେ ମାଜିଷ୍ଟ୍ରେଟ୍ ବସ୍ ମାଲିକଙ୍କ କଥା ନ ଶୁଣି ତାଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ । ପରେ ସେ ପୁନର୍ବାର ସବ୍‌ଇନ୍ସପେକ୍ଟରଙ୍କ ନିକଟକୁ ଆସିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସବ୍‌ଇନ୍ସପେକ୍ଟର ଜଣକ ଉତ୍କ୍ଷିପ୍ତ ହୋଇ



ବସ୍ ମାଲିକଙ୍କୁ ମାଡ଼ ମାରୁଛନ୍ତି ସବ୍‌ଇନ୍ସପେକ୍ଟର ।

ବସ୍ ମାଲିକଙ୍କୁ ଚାପୁଡା ମାରିବା ସହିତ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ପରେ ଜଣେ ହାବିଲଦାର ମଧ୍ୟ ତାଙ୍କୁ ମାଡ଼ମାରିଥିଲେ। ଏହାପରେ ତାଙ୍କୁ ସେଠାରୁ ପୋଲିସ ଥାନାକୁ ନେଇଯାଇଥିଲା। କେତେଜଣ ଜନପ୍ରତିନିଧି, ଆଇନଜୀବୀ ଓ ବସ୍ ମାଲିକଙ୍କ ହସ୍ତକ୍ଷେପ ପରେ ପୋଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଛାଡି ଦେଇଥିଲା। ଉକ୍ତ ଘଟଣାର ୧୦ ଦିନ ପରେ ତା'ର ଭିଡିଓ ଭାଇରାଲ ହୋଇଛି। ଯାହା ପୋଲିସକୁ ଅଡୁଆରେ ପକାଇଛି। ଏ ସଂକ୍ରାନ୍ତରେ ଏସ୍‌ପି ରାହୁଲ ପିଆର କହିଛନ୍ତି, ତଦନ୍ତ ପରେ ସମସ୍ତ ଘଟଣା ସ୍ପଷ୍ଟ ହେବ । ଯଦି କୌଣସି ପୋଲିସ କର୍ମଚାରୀ ଏହି ଭିଡିଓ ଭାଇରାଲ କରିଥାନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଝାରସୁଗୁଡ଼ା ଥାନା ଅଧିକାରିଣୀ ସାବିତ୍ରୀ ବଳ କହିଛନ୍ତି, ଘଟଣା ଦିନ ସମ୍ପୃକ୍ତ ବସ୍ ମାଲିକ ମାଜିଷ୍ଟ୍ରେଟ ଓ ପୋଲିସ ସହିତ ଯୁକ୍ତିତର୍କ କରି ଅଭଦ୍ର ଭାଷା ବ୍ୟବହାର କରିଥିଲେ । ତଦନ୍ତ ପରେ ସବୁ ଜଣାପଡିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷେ ପୋଲିସ ନିଜ ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଘଟଣା ଦିନ ସେଠାରେ ମୁତୟନ ଥିବା ସମସ୍ତ କର୍ମଚାରୀଙ୍କ ସହିତ ଜଣେ ବରିଷ୍ଠ ପୋଲିସ ଅଧିକାରୀ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିବା ସୂଚନା ମିଳିଛି । ତଦନ୍ତ ସମୟରେ ପୋଲିସ ସପକ୍ଷରେ ମତ ଦେବାକୁ ହ୍ୱିପ୍ ଜାରି କରାଯାଇଥିବା ଆଲୋଚନା ହେଉଛି। କୋଭିଡ୍-୧୯ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି ଜରିମାନା ଆଦାୟ କରୁଛି। ହେଲେ ଉକ୍ତ ବସ୍ ମାଲିକ ଯଦି କୋଭିଡ୍ ଆଇନ ଉଲ୍ଲଂଘନ କରିଥିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଥାନ୍ତା। ହେଲେ ପୋଲିସ ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଏହି ଘଟଣାକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିଛି। ତେବେ କର୍ମଚାରୀଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିବାରୁ ଏହି ଭିଡିଓ ଭାଇରାଲ କରାଯାଇଛି ବୋଲି ଏଠାରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ରେଢ଼ାଖୋଲ ଡାକ୍ତରଖାନା ଆଉଟଡୋର ୩ ଦିନ ବନ୍ଦ

**ରେଢ଼ାଖୋଲ,୨୧।୭(ଡି.ଏନ.ଏ):** ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ମଙ୍ଗଳବାର ରେଢ଼ାଖୋଲ ଏନଏସିର ଜଣେ ୩୫ ବର୍ଷୀୟ ମହିଳା ଓ ଜଣେ ୫ବର୍ଷର ଶିଶୁପୁତ୍ରଙ୍କ ପଜିଟିଭ ବାହାରିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ୩ଟି ୱାର୍ଡକୁ କଣ୍ଟେନମେଣ୍ଟ ଜୋନ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରିଛି। ତେବେ ଏ ନେଇ ପୂର୍ବରୁ କୌଣସି ସୂଚନା ଦିଆ ନ ଯିବା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଗତ ୧୮ ତାରିଖ ସନ୍ଧ୍ୟା ୭ଟାରୁ ୨୦ ତାରିଖ ପର୍ଯ୍ୟନ୍ତ ଉପଖଣ୍ଡ ଡାକ୍ତରଖାନାରେ ଆଉଟଡୋର ସେବାକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ଆଉ ୩ ଦିନ ବୃଦ୍ଧି କରାଯାଇଥିବା ଏସଡିଏମ୍‌ଓ ଡା. ବିପିନ ବିହାରି ସାହୁ ସୂଚନା ଦେଇଛନ୍ତି। ତେବେ ଲୋକଙ୍କୁ ଅତି ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ବରଗଡ଼ରେ ପୁଣି ୪ କରୋନା ପଜିଟିଭ୍

**ବରଗଡ଼ ଅଫିସ୍,୨୧।୭:** ବରଗଡ଼ ଜିଲାରେ ମଙ୍ଗଳବାର ପୁଣି ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବରପାଲି ବ୍ଲକ ଟିଙ୍ଗିପାଲିର ୨ଜଣ ଏବଂ ବରଗଡ଼ ବ୍ଲକ କଟାପାଲି ଓ ଅତାବିରା ବ୍ଲକ ଟାଙ୍ଗରପାଲିର ଜଣେ ଲେଖାଏ ରହିଛନ୍ତି । ଟିଙ୍ଗିପାଲିର ୨ ଆକ୍ରାନ୍ତ ସ୍ଥାନୀୟ ହୋଇଥିବାବେଳେ କଟାପାଲିର ଆକ୍ରାନ୍ତ ସଙ୍ଗରୋଧ ଅଞ୍ଚଳର ଏବଂ ଟାଙ୍ଗରପାଲିର ଆକ୍ରାନ୍ତ ଜଣକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ର ଅଟନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ସଂକ୍ରମିତଙ୍କ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

### ୨୨୮୯ ବୋତଲ କଫସିରପ୍ ଜବତ

**ସମ୍ବଲପୁର,୨୧।୭(ବ୍ୟୁରୋ):** ସମ୍ବଲପୁର ଜିଲା ସଦରଥାନା ଠେମରା ଗ୍ରାମ ନିକଟରେ ପୋଲିସ ୨୨୮୯ ବୋତଲ କଫସିରପ୍ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଠେମରା ଗ୍ରାମର ସୁବ୍ରତ ବଢେଇ (୨୪), ସତ୍ୟବ୍ରତ ମିଶ୍ର (୨୯) ଓ ଶାସନ ଥାନା ପରମାଣପୁର ଗ୍ରାମର ବଳରାମ ଦୀପ(୩୧) । ସୁବ୍ରତଙ୍କ ସୂଚନା ଅନୁଯାୟୀ ୫୫୦ ବୋତଲ ଓ ବଳରାମଙ୍କ ରଖିଥିବା ୧୭୩୯ ବୋତଲ କଫ୍‌ସିରପ ଓ ବହୁ ପରିମାଣର ନିଶା ବଟିକା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ ୧୬୪/୨୦) ରୁଜୁ ହୋଇଛି । ଠେମରା ଅଞ୍ଚଳରେ ବ୍ୟାପକ ପରିମାଣର କଫସିରପ୍ କାରବାର ହେଉଥିବା ପୂର୍ବରୁ ପୋଲିସକୁ ସୂଚନା ମିଳିଥିଲା । ସେହି ସୂଚନାକୁ ଆଧାର କରି ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ସଦର ଥାନା ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଥିଲା ।

## କ୍ୟାନ୍‌ସର ଚିକିତ୍ସା ପରାମର୍ଶ, କେମୋଥେରାପି ଆରମ୍ଭ

ବରଗଡ଼ ଅଫିସ୍,୨୧।୭

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ କ୍ୟାନସର ରୋଗୀଙ୍କ ପାଇଁ କେମୋଥେରାପି ଆରମ୍ଭ ହୋଇଛି। ଜିଲାର କ୍ୟାନସର ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ବାହାରକୁ ଯିବାକୁ ପଡୁଛି। ଏଠାରେ କ୍ୟାନସର ରୋଗୀଙ୍କ ପାଇଁ କେମୋଥେରାପି ଆରମ୍ଭ ହୋଇଥିବାରୁ ଜିଲାର କ୍ୟାନସର ଆକ୍ରାନ୍ତ ଉପକୃତ ହେବେ ବୋଲି ଆଶା କରାଯାଉଛି। ପ୍ରତି ଶୁକ୍ରବାର ଓ ରବିବାର ଅଙ୍କୋଲୋଜି ଏବଂ ହେମାଟୋଲୋଜି ବରିଷ୍ଠ ପରାମର୍ଶଦାତା ଡା. ସଞ୍ଜୟ ରାଏ ଏଠାରେ ଉପଲବ୍ଧ ରହିବେ ଏବଂ ସେଠାକୁ ଆସିଥିବା ରୋଗୀଙ୍କୁ ସେଭଳି ପରାମର୍ଶ ଦେବେ ବୋଲି ସୂଚନା ଦିଆଯାଇଛି । ତେବେ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ କ୍ୟାନସର ରୋଗ ପରୀକ୍ଷା ପାଇଁ ଅତିଶୀଘ୍ର ବାୟୋପ୍ସି ଟେଷ୍ଟ ହିସ୍ଟୋପାଥୋଲୋଜିଷ୍ଟ ଡା. ବିବେକ ନାୟାରଙ୍କ ଦ୍ୱାରା ଆରମ୍ଭ ହେବ ବୋଲି ବିକାଶ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ନିଯୁକ୍ତି ଦାବିରେ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବକମାନେ ଧାରଣାରେ ବସିଛନ୍ତି।

ନୂଆପଡା ଅଫିସ,୨୧।୭

ନୂଆପଡ଼ା ଜିଲା ସିନାପାଲି ଏବଂ ବୋଡେନ ବ୍ଲକର ୱେସ୍କୋ ସବ୍ ଗ୍ରୀଡ ଷ୍ଟେଶନରେ ଟେକ୍ନିସିଆନ ନିଯୁକ୍ତିରେ ପାତରଅନ୍ତ କରାଯାଇଛି। ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ନ ଦେଇ ଚଞ୍ଚକତା କରାଯାଇଛି। ଜିଲା ବାହାରର ପ୍ରାର୍ଥୀଙ୍କୁ ଏହି ପଦରେ ନିଯକ୍ତି ମିଳିଛି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଆଶାୟୀ ପ୍ରାର୍ଥୀ ତାତି ଉଠିଛନ୍ତି। ସେମାନଙ୍କ ଭିତରେ ଆନ୍ଦୋଳନ ଦାନାବାନ୍ଧିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଯୁବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କମଳ ଚରଣ ତାଣ୍ଡି, ରବୀନ୍ଦ୍ର ମଙ୍ଗରାଜ ଏବଂ ପ୍ରିୟରଞ୍ଜନ ମେହେରଙ୍କ ନେତୃତ୍ୱରେ ୫ଜଣ ଯୁବକ ପ୍ରତୀକାତ୍ମକ ଧାରଣାରେ ବସିଥିଲେ। କରୋନା କଟକଣା ଭିତରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ସେମାନେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରିରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ସୂଚନାଯୋଗ୍ୟ, ସବଗ୍ରୀଡ୍ ଷ୍ଟେଶନ ଗୁଡିକରେ ଟେକ୍ନିସିଆନ ନିଯୁକ୍ତି ସକାଶେ ଏକ ବେସରକାରୀ ଠିକା କମ୍ପାନୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ସମ୍ପୃକ୍ତ କମ୍ପାନୀ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ସହ ମିଶି ଜିଲା ବାହାରର ଯୁବକଙ୍କୁ ନିଯୁକ୍ତ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗ ନେଇ ଯୁବକମାନେ ୱେସ୍କୋକୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳିନି। ଶେଷରେ ଏହାକୁ ନେଇ ସାମାଜିକ କର୍ମୀମାନେ ଜିଲାପାଳଙ୍କୁ ମଧ ଜଣାଇଛନ୍ତି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ମଙ୍ଗଳବାର ଧାରଣା ଦିଆଯାଇଛି। ତେବେ ଦିନସାରା ଧାରଣା ଦିଆଯାଇଥିଲେ ମଧ କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ। ଏଣୁ ଆନ୍ଦୋଳନକାରୀଙ୍କ ମଧରେ ଅସନ୍ତୋଷ ବଢିଛି।

## ସାର ଦୋକାନରେ ଚଢ଼ାଉ

ବରଗଡ଼ ଅଫିସ୍,୨୧।୭

ବରଗଡ଼ ଜିଲା କୃଷିବିଭାଗ ପକ୍ଷରୁ ମଙ୍ଗଳବାର ବରଗଡ଼ ସହରରେ ଥିବା ବିଭିନ୍ନ ସାର ଦୋକାନରେ ଚଢ଼ାଉ କରାଯାଇଥିଲା । କେତେକ ଦୋକାନୀ ୟୁରିଆ ସାରକୁ ଧାର୍ଯ୍ୟ ଦରଠାରୁ ଅଧିକ ମୂଲ୍ୟରେ ବିକୁଥିବା ଅଭିଯୋଗ ମିଳିବା ପରେ ଏହି ଚଢାଉ ହୋଇଥିଲା। ଗୋବିନ୍ଦ ସାହୁଙ୍କ ଦୋକାନରେ ଚଢ଼ାଉ ବେଳେ ସେଠାରେ ୟୁରିଆ ସାରକୁ ବସ୍ତା ପ୍ରତି ସରକାରୀ ଧାର୍ଯ୍ୟ ଦର ୨୬୬ ଟଙ୍କା ୫୦ପଇସାରେ ବିକ୍ରି କରୁଥିଲେ ସୁଦ୍ଧା ଏହା ସହିତ ଚାଷୀଙ୍କୁ ଜୋରଜବରଦସ୍ତ ଜୈବିକ ସାର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଜଣାପଡ଼ିଥିଲା ବୋଲି କୃଷିବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଶୁକ୍ଳା ଫର୍ଟିଲାଇଜର୍ସ ଏବଂ ସିଙ୍ଗଲ ଟ୍ରେଡର୍ସ ଦୋକାନରେ ମଧ୍ୟ ଚଢ଼ାଉ ହୋଇଥିଲା। ଦୋକାନୀମାନେ ପିଓଏସ ମେଶିନ ଦ୍ୱାରା ୟୁରିଆ ସାରକୁ ବସ୍ତା ପ୍ରତି ୨୬୫ ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଥିଲା।

# ଅଭିନେତା, ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୨୧।୭



ଜଣାଶୁଣା ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ (୫୫)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସକାଳେ ସେ ଅସୁସ୍ଥତା ଅନୁଭବ କରି ହଠାତ୍ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୬୪ ଡିସେମ୍ବର ୨ରେ ଜନ୍ମଗ୍ରହଣ କରିଥିବା ସୁରେଶ ଯୁବାବସ୍ଥାରୁ ମଞ୍ଚ ନାଟକ ଓ କଳା କ୍ଷେତ୍ରକୁ ପ୍ରବେଶ କରିଥିଲେ। ବହୁ ନାଟକରେ ନିଖୁଣ ଅଭିନୟ କରି ସେ ରାଜ୍ୟସ୍ତରରେ ପ୍ରସିଦ୍ଧି ଲାଭ କରିଥିଲେ । ଅଭିନୟ ସହ ନାଟକ ନିର୍ଦ୍ଦେଶନା କ୍ଷେତ୍ରରେ ମଧ ସେ ସଫଳତା ଲାଭ କରିଥିଲେ । ପରବର୍ତ୍ତୀ ସମୟରେ କେତେକ ଓଡିଆ, ହିନ୍ଦୀ ଓ କୋଶଲୀ ଚଳଚ୍ଚିତ୍ର, ଶର୍ଟଫିଲ୍ମ, ଡକ୍ୟୁମେଣ୍ଟାରୀରେ ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇଥିଲେ। ବଲାଙ୍ଗୀରର ଅଗ୍ରଣୀ ନାଟ୍ୟସଂସ୍ଥା ଭୂମିକା, କ୍ରାନ୍ତି ସହ ସମ୍ପୃକ୍ତ ହୋଇ ସେ ବହୁ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇଥିଲେ । ତାଙ୍କ ନିର୍ଦ୍ଦେଶିତ ଚର୍ଚ୍ଚିତ ଓଡିଆ ନାଟକ 'କର୍ମୀ ଆମେ ଦେଶର'ରେ ନିଖୁଣ ଅଭିନୟ ପାଇଁ ତାଙ୍କୁ କେନ୍ଦୁଝର ନାଟକ ମହୋତ୍ସବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଥିଲା । ରାଜ୍ୟ ଟେଲି ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ରାଗଡ୍‌ରେ ସୁରେଶ ନିଖୁଣ ଅଭିନୟ କରିଥିଲେ। ଏହା ସହିତ ଓଡ଼ିଆ ନାଟକ ଭଦ୍ରଲୋକ, ଶୋକସଭା, ଇଚ୍ଛା ବନାମ୍ ପଦ୍ମନାଭ, ନାକ୍‌ଟା ଚିତ୍ରକର, ହିନ୍ଦୀ ନାଟକ ଜୁଲୁସ୍, ମୌଆବ୍‌ଜା, କ୍ରାନ୍ତିର ନାଟକ ଏକ୍‌ଥା ଗଧା ଓରଫ୍ ଅଲାଜତ ଖାନ୍, ଇନ୍ସପେକ୍ଟର ଜେନେରାଲ, କୋଶଲୀ ନାଟକ ହେଟା ହେନ୍‌ତା ହେବା ନ, କୋଶଲୀ ଟେଲିଫିଲ୍ମ ଘୁଡଘୁଡୁ, ଗୁନ୍ଟା ଓ ଅଛୁଆଁରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନମୋହି ନେଇଥିଲେ। ହିନ୍ଦୀ ଶର୍ଟ ଫିଲ୍ମ ଏକ୍ ସୋଟ୍-ଫେଥ୍ ଇନ୍ ଗଡ୍‌ରେ ତାଙ୍କର ଅଭିନୟକୁ ଲୋକେ ପସନ୍ଦ କରିଥିଲେ । ତାଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ମେରି ଆଖୋଁ ମୈ ତୁମ୍ ମୁକ୍ତିଲାଭ ଅପେକ୍ଷାରେ ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ମଞ୍ଚ ନାଟକରେ ସେ ନିଜର ଅଭିନୟ ପ୍ରତିଭାରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ, ଦୁଇପୁଅ, ଭାଇ ଓ ପରିଜନ ଉପସ୍ଥିତ ଥିଲେ। ଅପରାହ୍ନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

# ବାଙ୍କୀବାହାଲ-ଟପରିଆ ରାସ୍ତା ନିର୍ମାଣ ଦାବି ତେଜିଲା

ସୁନ୍ଦରଗଡ/ହେମଗିର, ୨୧।୭ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଓଡିଶା-ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ବାଙ୍କିବାହାଲ-ଟପରିଆ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ରାସ୍ତାର ଉନ୍ନତୀକରଣ ଲାଗି ଅଞ୍ଚଳବାସୀ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଅବିଳମ୍ବେ ରାସ୍ତା ନିର୍ମାଣ ଲାଗି ହେମଗିର ବ୍ଲକର ୧୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ଦଳମତ ନିର୍ବିଶେଷରେ ଜନସାଧାରଣ ଆଗେଇ ଆସିଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଗତ ୧୬ତାରିଖଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ହେଲେ ସେମାନଙ୍କ ନିକଟରେ କୌଣସି ପ୍ରଶାସନିକ ଅଧକାରୀ ପହଞ୍ଚି ନଥିବାରୁ ଏବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯାଇଛି। ଆନ୍ଦୋଳନକାରୀ ମଙ୍ଗଳବାରଠାରୁ ଅର୍ଥନୈତିକ ଅବରୋଧ ଆରମ୍ଭ କରିଛନ୍ତି। ଏଥିଯୋଗୁ ଏହି ରାସ୍ତା ଦେଇ ଏମ୍‌ସିଏଲର କୋଇଲା ପରିବହନ ବାଧାପ୍ରାପ୍ତ ହେବା ସହ ଅନ୍ୟାନ୍ୟ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଛି। ବିସ୍ଥାପିତ ଟ୍ରକ ମାଲିକ ସଂଘ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିବା ସଂଘ ସଭାପତି ଗୋପାଳ ପ୍ରଧାନ କହିଛନ୍ତି। ଛତାବରଠାରେ ବିଧାୟିକାଙ୍କ ପ୍ରତିନିଧି ସରୋଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଏଥିରେ ସାମିଲ ହୋଇଥିଲେ। ବିଜେଡି ପକ୍ଷରୁ କନ୍ଦାଧୁଡା, ବିଲେଇମୁଣ୍ଡା, ଛତାବରରେ ଧାରଣା ଦିଆଯାଇ ଅର୍ଥନୈତିକ ଅବରୋଧ କରାଯାଇଛି।



ହେମଗିର ବ୍ଲକ ବିଲେଇମୁଣ୍ଡାଠାରେ ଗ୍ରାମବାସୀ ଅର୍ଥନୈତିକ ଅବରୋଧ କରିଛନ୍ତି।

## ଗୋଟିଏ ଦିନରେ ୫ ଚିହ୍ନଟ

ବଲାଙ୍ଗୀର ଅଫିସ, ୨୧।୭

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୧ରେ ପହଞ୍ଚିଛି। ସୋମବାର ନୂଆ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ତାଲପାଲିପଡାର ଜଣେ ସ୍ଥାନୀୟ ସଂକ୍ରମିତ ବ୍ୟକ୍ତି, ସଦର ବ୍ଲକ୍‌ର ବରକାନୀ ଗାଁରେ ଜଣେ ସଂକ୍ରମିତ, ଖପ୍ରାଖୋଲ ବ୍ଲକ୍ ଦେଦର୍ହ ଗ୍ରାମର ଜଣେ ସ୍ଥାନୀୟ ସଂକ୍ରମିତ ଯୁବକ, ବଙ୍ଗୋମୁଣ୍ଡା ବ୍ଲକ୍‌ର ପୁତଲାତଲେ ଗ୍ରାମର ଜଣେ ମହାରାଷ୍ଟ୍ର ଫେରନ୍ତା ଓ କନ୍ଦବାହାଲ ଗ୍ରାମର ଜଣେ ସିକନ୍ଦରାବାଦ୍ ଫେରନ୍ତା ଯୁବକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ପୁରୁଣା ଅଫିସ କୋଠା ଭାଙ୍ଗିଲା ମ୍ୟୁନିସିପାଲିଟି



ଉପଜିଲାପାଳଙ୍କ ପୁରୁଣା କୋଠାକୁ ଭଙ୍ଗାଯାଉଛି ।

ବଲାଙ୍ଗୀର ଅଫିସ, ୨୧।୭

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ସରକାରୀ ବସ୍‌ଷ୍ଟାଣ୍ଡ ପାଖ ଉପଜିଲାପାଳଙ୍କ ପୁରୁଣା ନିବାସ, ଜିଲାପାଳ କାର୍ଯ୍ୟାଳୟ ସଂଲଗ୍ନ ପୁରୁଣା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ହସ୍ପିଟାଲ ଛକ ନିକଟ ପୁରୁଣା ଏଡିଏମ୍‌ଓ ଅଫିସକୁ ମଙ୍ଗଳବାର ଭଙ୍ଗାଯାଇଛି। ଉପଜିଲାପାଳ କାର୍ଯ୍ୟାଳୟ ଓ ଯୋଗାଣ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଥିବା ଫଳ ବ୍ୟବସାୟୀ, ଖବର ବିତରକଙ୍କ ଉଠାଦୋକାନକୁ ମଧ ହଟାଯାଇଛି । ଏହି ସ୍ଥାନରେ ନୂଆକରି ଉପଜିଲାପାଳଙ୍କ ନିବାସ ତିଆରି ସହ ପାର୍କିଂ ଓ ଭେଣ୍ଡି ଜୋନ୍ କରାଯିବ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ସୂଚନା ଦେଇଛନ୍ତି। ଉଚ୍ଛେଦ ବେଳେ ନିର୍ବାହୀ ଅଧିକାରୀ ଦୀପଙ୍କ ସହ ତହସିଲଦାର ଲଲାଟ ଲୁହା, ପୂର୍ତ୍ତ ସହକାରୀ ନିର୍ବାହୀ ଅଧିକାରୀ ମନୋଜ ମହାନନ୍ଦ ଉପସ୍ଥିତ ରହି ତଦାରଖ କରିଥିଲେ ।

# ମାଟି ତଳୁ ମିଳିଲା ମହିଳାଙ୍କ ମୃତଦେହ

ଲହୁଣୀପଡା,୨୧।୭(ଡି.ଏନ.ଏ.)

- ୧ ମାସ ପରେ ଘଟଣାର ପର୍ଦ୍ଦାଫାଶ
- ତଣ୍ଟି ଚିପି ହତ୍ୟା କରିଥିଲେ ସ୍ୱାମୀ
- ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋତି ଦେଇଥିଲେ



ମୃତଦେହକୁ ମାଟିତଳୁ ଉଦ୍ଧାର କରାଯାଉଛି।

ଆଜକୁ ମାସେ ତଳେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଉପରଗିନିଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଥିଲା । ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ସ୍ତ୍ରୀର ତଣ୍ଟି ଚିପି ହତ୍ୟା କରିଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ମାଟି ଖୋଳି ପୋତି ଦେଇଥିଲେ । ଏହି ଘଟଣାର ପର୍ଦ୍ଦାଫାସ ପୋଲିସ କରିଛି। ମାଟି ଖୋଳି ପୋଲିସ ମୃତଦେହ ଉଦ୍ଧାର କରିବା ସହିତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ।

ସୂଚନା ଅନୁଯାୟୀ, ଉପରଗିନିଆ ଗ୍ରାମର ସମ୍ବାରୀ ମୁଣ୍ଡାଙ୍କୁ ସେହି ଗ୍ରାମର ନେପାଳି ମୁଣ୍ଡାରୀ (୨୧) ବିବାହ କରିଥିଲେ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ହେଉଥିଲା । ଗତ ଜୁନ ୧୫ ରେ ସମ୍ବାରୀ ନିଜ ବଗିଚାର ମକା ବିକିବା ପାଇଁ ହାଟକୁ ଯାଇଥିଲେ । ସେହି ମକା ବିକ୍ରି ଟଙ୍କା ନେପାଳ ସ୍ତ୍ରୀଙ୍କୁ ମାଗିଥିଲେ। ହେଲେ ସମ୍ବାରୀ ଟଙ୍କା ନ ଦେବାରୁ ନେପାଳ ତାଙ୍କୁ ଗାଳିଗୁଲଜ କରିବା ସହିତ ସେଦିନ ରାତିରେ ତଣ୍ଟି ଚିପି ହତ୍ୟା କରିଥିଲେ । ରାତିର ଅନ୍ଧାର ଭିତରେ ନେପାଳ ମୃତଦେହକୁ ଘରୁ ବୋହି ନେଇ ଏକ ନାଳ ପାଖରେ ପୋତି ଦେଇଥିଲେ । ବହୁଦିନ ହେବ ସମ୍ବାରୀକୁ ନ ଦେଖିବାରୁ ବାପ ଘର ଲୋକେ ଏ ସଂକ୍ରାନ୍ତରେ ନେପାଳଙ୍କୁ ପଚାରିଥିଲେ। ନେପାଳ କହିଥିଲେ ସେ କୁଆଡେ ପଳାଇ ଯାଇଛି ମୁଁ ଜାଣିନାହିଁ । ବିଭିନ୍ନ ସ୍ଥାନ ଖୋଜି ନିରାଶ ହେବା ପରେ ବାପଘର ଲୋକ ମହୁଲପଦା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଥିଲା । ପାରିବାରିକ କଳହକୁ କେନ୍ଦ୍ର କରି ସମ୍ବାରୀଙ୍କୁ ହତ୍ୟା କରାଯାଇଥିବା ପୋଲିସର ସନ୍ଦେହ ହୋଇଥିଲା। ଶେଷରେ ନେପାଳଙ୍କୁ ପୋଲିସ ଥାନାରେ ଅଟକ ରଖି ଜେରା କରିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିଥିଲା। ମାଜିଷ୍ଟ୍ରେଟ ତଥା ଲହୁଣୀପଡା ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପୋଲିସ ମାଟି ଖୋଳି ସମ୍ବାରୀଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା । ମହୁଲପଦା ପୋଲିସ ରାଉରକେଲା ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ସ୍ୱାମୀ ନେପାଳ ମୁଣ୍ଡାରିଙ୍କୁ ପୋଲିସ ଗିରଫ କରିଛି ।

